# Akashvani, Sambalpur

## SAMBALPURI NEWS EVENING BULLETIN

## 30 March 2026-7.02- 7.12 pm.

---

୧- ଦେଶ୍‌କେ ନକ୍ସଲ୍‌ମୁକ୍ତ କର୍‌ବାର୍ ପ୍ରସଙ୍ଗଥି ଲୋକ୍‌ସଭା ନ ଚାଲିଛେ ଆଲୋଚନା ।

- ଆଏବା କାଏଲ୍ ସରୁଛେ ନକ୍ସଲ୍ ଆତ୍ମସମର୍ପଣ୍ ଧାରିଜ୍ ସମିଆ ।

୨- ବିଧାନ୍‌ସଭା ନ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ୨୩ ହଜାର୍ ଶହେ ୭୯ କୋଟିନୁ ଅଏତ୍‌କା ଟଙ୍କାର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ କଲେ ବିଭାଗ୍‌ର ମନ୍ତ୍ରୀ ।

- ରାଏଜେ ଏବ୍‌ତକ୍ ୩ ଲାଖ୍ ୨୭ ହଜାର୍ ୬ ଶହ ୪୨ ଝନ୍ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଫିରାହେଇଛେ ଶହେ ୨୮ କୋଟି ଟଙ୍କା - ସୂଚନା ଦେଲେ ମୁଖ୍ୟମନ୍ତ୍ରୀ ।

୩- ଜିଲ୍ଲା ନ ରାଜ୍ୟସ୍ତର୍‌ତକ୍ ଆଏବା ୧ ନୁ ୧୪ ତାରିଖ୍‌ତକ୍ ପାଲନ୍ କରାଯିବା ଓଡ଼ିଶା ପକ୍ଷ ।

ଆଉର୍

୪- ରାଜ୍ୟ ସର୍‌କାର୍ ଧାନ୍ ଘିନା ସମିଆ ଆଉ ୨ ଦିନ୍ ବଢ଼ାବାର୍ ଲାଗି କରୁଛନ୍ ବିଚାର୍ - କହେଲେ ଯୋଗାଣମନ୍ତ୍ରୀ ।

ଲୋକ୍‌ସଭା-ନକ୍ସଲମୁକ୍ତ ଅଭିଯାନ୍          ଆର୍‌ଏନ୍‌ୟୁ/କଟକ୍

ଦେଶ୍‌କେ ନକ୍ସଲ୍ ମୁକ୍ତ କର୍‌ବାର୍ ପ୍ରସଙ୍ଗଥି ଲୋକସଭା ନ ଆଏଜ୍ ଆଲୋଚନା କରାଯାଉଛେ । ଆଲୋଚନାଥି ଉତର୍ ରଖିକରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଦେଶ୍‌କେ ନକ୍ସଲ୍‌ମୁକ୍ତ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତା ଉପ୍‌ରେ ଆଲୋଚନା କରିଛନ୍ । ଶ୍ରୀ ଶାହା କହିଛନ୍, ଅର୍ଥନୈତିକ୍ ବିକାଶ୍‌ଥି ନକ୍ସଲ୍ କାର୍ଯ୍ୟକଳାପ ବାଧା ନଉଥିବାର୍‌ନୁ ସର୍‌କାର୍ ଇତାକେ ପୁରା ଶେଷ୍ କର୍‌ବାର୍ ଲାଗି ଚେରେଷ୍ଟା ଚଲେଇଛନ୍ । ଦେଶ୍‌କେ ନକ୍ସଲ୍ ମୁକ୍ତ କର୍‌ବାର୍ ଲାଗି ଧାରିଜ୍ ହେଇଥିବା ସମିଆ ଆଏବା କାଏଲ୍ ଶେଷ୍ ହେଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶ୍ ବିକାଶ୍ ଦିଗେ ଆଗ୍‌କେ ବଢୁଥିବାର୍ ବେଳେ ନକ୍ସଲ୍‌ମୁକ୍ତ ସମାଜ୍ ଥାପ୍‌ନା ସମ୍ଭବ୍ ହେବାର୍‌କେ ଯାଉଛେ । ଇ ଅଭିଯାନ୍‌ଥି ସାମିଲ୍ ସୁରକ୍ଷା

କର୍ମୀ, ରାଜ୍ୟ ସର୍କାର୍ ଆଉ ସାଧାରଣ ଲୁକ୍‌କର୍ ସହଯୋଗ୍‌କେ ଇ ଅବ୍‌ସରେ ଶ୍ରୀ ସାହା ପ୍ରଶଂସା କରିଛନ୍ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୧୫ ନମ୍ବର୍ ଦିନେ ଆଏଜ୍ ଭିଲ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ଗୃହ କାର୍ଯ୍ୟ ପ୍ରଭାବିତ୍ ହେଇଥିଲା । ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ବାଚସ୍ପତି ସୁରମା ପାଢ଼ୀ ଗୃହକେ ବାର୍‌ବାର୍ ମୁଲ୍‌ତବୀ କରିଥିଲେ । ଆଏଜ୍ ଭିଲ୍ କମ୍ ସମିଆ ଲାଗି ଗୃହକାର୍ଯ୍ୟ ଚାଲିଥିଲା । ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବାର୍‌ନୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ସର୍ବଦଳୀୟ ବୈଠକ୍ ଡାକିଥିଲେ । ବୈଠକ୍ ଉତ୍‌ରୁ ଭିଲ୍ ବିରୋଧୀମାନେ ନିଜର୍ ଜିତ୍‌ଥି ଅଟଲ୍ ରହିଥିଲେ । ଉପର୍‌ବେଲା ୪ ବଜେ ଗୃହକାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ବିରୋଧୀଙ୍କର୍ ହୋହଲ୍ଲା ଭିତ୍‌ରେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଚଲ୍‌ତି ଆର୍ଥିକ୍ ବଛର୍

ଲାଗି ସ୍ୱାସ୍ଥ୍ୟ ବିଭାଗ୍‌ର ୨୩ ହଜାର୍ ଶହେ ୭୯ କୋଟି ୨୯ ଲାଖ୍ ୮୪ ହଜାର୍ ଟଙ୍କାର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ କରିଥିଲେ ।

ଆଏଜ୍ ସଖାଲ୍‌ବେଲା ବିଧାନ୍‌ସଭା ନ ଦିବଙ୍ଗତ ସଦସ୍ୟ ନାରାୟଣ୍ ସାହୁଙ୍କର୍ ଉଦ୍ଦେଶ୍ୟେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକପ୍ରସ୍ତାବ୍ ଆଗତ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ-ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଏବ୍‌ତକ୍ ୮ ଲାଖ୍ ୭୮ ହଜାର୍ ୯ ଶହ ୫୩ ଝନ୍ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଚିହ୍ନଟ୍ କରାଯାଇଛେ । ସେଥିର୍‌ଭିତ୍‌ରୁ ୩ ଲାଖ୍ ୨୭ ହଜାର୍ ୬ ଶହ ୪୨ ଝନ୍ ଜମାକାରୀଙ୍କୁ ଶହେ ୨୮ କୋଟି ଟଙ୍କା ଫିରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍, ୩ ଟା ବେଆଇନ୍ ଆର୍ଥିକ୍ ପ୍ରତିଷ୍ଠାନ୍‌ର ସମ୍ପତି ନିଲାମ୍ ଆଉ ବେଙ୍କ ଜମା ଟଙ୍କା ଜବତ୍ କରାଯାଇକରି କ୍ଷତିଗ୍ରସ୍ତ ମାନ୍‌କୁ ଜିଲ୍ଲାପାଲ୍‌ମାନ୍‌କର୍ ଜରିଏ ଟଙ୍କା ଫିରାଯାଉଛେ । ଛୋଟ୍ ଜମାକାରୀମାନ୍‌କୁ

କ୍ଷତିପୂରଣ୍ ଦେବାର୍ ଲାଗି ରାଜ୍ୟ ସର୍କାର୍ ୩ ଶହ କୋଟି ଟଙ୍କାର୍ ଗୁଟେ କର୍ପସ୍ ପାଣ୍ଠି ଗଠନ୍ କରିଛନ୍ । ମାମ୍ଲାକେ ନେଇକରି ତଦନ୍ତ କମିଶନ୍ଙ୍କର୍ ୭ ଟା ରିପୋର୍ଟ ଆଧାର୍ଥି ଚିହ୍ନଟ୍ ହେଇଥିବା ୯୯ ହଜାର୍ ୮ ଶହ ୪୫ ଝନ୍ ଛୋଟ୍ ଆଉ ପ୍ରକୃତ୍ ଜମାକାରୀଙ୍କୁ କର୍ପସ୍ ପାଣ୍ଠିନୁ ୪୭ କୋଟି ଟଙ୍କା ଫିରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଭୋଟର୍ ତାଲିକା ସଂଶୋଧନ୍ ହି.ସ.

ରାଏଜେ ଭୋଟର୍ ତାଲିକା ସଂଶୋଧନ୍ଥି ୭ ଲାଖ୍ ୬୮ ହଜାର୍ ୫ ଶହ ୨୧ ଝନ୍ ଭୋଟର୍ ବାଦ୍ ପଡ଼ିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହକେ ଆଏଜ୍ ସୂଚ୍ନା ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ, ଗଲା ୬ ତାରିଖ୍ନୁ ମାର୍ଚ୍ଚ ୨୨ ତାରିଖ୍ ଭିତ୍ରେ ରାଏଜେ ୨ ଲାଖ୍ ୩ ହଜାର୍ ୩ ଶହ ୯୬ ଝନ୍ ମୃତ ବ୍ୟକ୍ତିଙ୍କର୍ ଭୋଟର୍ କାର୍ଡ଼ କଟାଯାଇଛେ । ସ୍ଥାନାନ୍ତର ଲାଗି ୪ ଲାଖ୍ ୮ ହଜାର୍ ଶହେ ୩୨ ଝନ୍ ଆଉ ଅଲ୍ଗା କାରଣ୍ ଲାଗି ୨ ହଜାର୍ ୬ ଶହ ୪୬ ଝନ୍ ଭୋଟର୍ଙ୍କର୍ ନାଁ ତାଲିକାନୁ ବାଦ୍

ଦିଆଯାଇଛେ । ଇ ସମିଆ ଭିତ୍ରେ ଭୋଟର୍ ତାଲିକାଥି
ନୂଆଁକରି ସାମିଲ୍ ହେବାର୍କେ ୫ ଲାଖ୍ ୬୭ ହଜାର୍ ୩୪ ଝନ୍
ଆବେଦନ୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ ସୂଚ୍ନା ଦେଇଛନ୍ ।

ବିଧାନ୍ସଭା-ସ୍ୱାସ୍ଥ୍ୟମନ୍ତ୍ରୀ ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ରକ୍ତର୍ ଆବଶ୍ୟକତା ପୂରଣ୍ କର୍ବାର୍ ଲାଗି ୨୦୨୬-୨୭ ଆର୍ଥିକ୍ ବଛ୍ରେ ସର୍କାର୍ ଅଟଳ ରକ୍ତଦାନ୍ ଅଭିଯାନ୍ ନାଁଥି ଗୁଟେ ନୂଆଁ ଯୋଜ୍ନା କାର୍ଯ୍ୟକାରୀ କର୍ବାର୍କେ ଯାଉଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗୃହକେ ସୂଚ୍ନା ଦେଇଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ଇ ଯୋଜ୍ନାଥି ସବୁ ନୂଆଁ ମେଡ଼ିକାଲ୍ କଲେଜ୍ ନ ରକ୍ତଭଣ୍ଡାର୍ ଥାପ୍ନା ସହେତେ ସବୁ ରକ୍ତଭଣ୍ଡାର୍ର ଉନ୍ନତିକରଣ୍ କରାଯିବା । ୫୦ଟା ଭ୍ରାମ୍ୟମାଣ ରକ୍ତସଂଗ୍ରହ ୟୁନିଟ୍ ଭିଲ୍ ଥାପ୍ନା କରାଯିବା । ଇହାଦେ ରାଏଜେ ୫୬ ଟା ସର୍କାରୀ ଆଉ ୨ ଟା ରେଡ଼୍କ୍ରସ୍ ରକ୍ତଭଣ୍ଡାର୍ କାମ୍ କରୁଛେ । ଇତାର୍ଛଡ଼ା ୩୪ ଟା ବେସର୍କାରୀ ରକ୍ତଭଣ୍ଡାର୍ ରହିଛେ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ଗୁରୁତର ରୋଗୀଙ୍କର୍ ଜୀବନ୍ ରକ୍ଷା ଲାଗି ଆଏବା ବଜେଟ୍‌ଥି ଭେଂଟିଲେଟର୍ ଆଉ କେନ୍ଦ୍ରୀୟ ତଦାରଖ୍ ସୁବିଧା ଥିବା ହଜାରେଟା ଉନ୍ନତ ଆଇସିୟୁ ଆଉ ୫ ଶହ ଟା ଏଚ୍‌ଡିୟୁ ଶଯ୍ୟା ବ୍ୟବସ୍ଥା କର୍‌ବାର୍‌କେ ସର୍‌କାର୍ ପ୍ରସ୍ତାବ୍ ରଖିଛନ୍ । ଇହାଦେ ୨୦ ଟା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଶହେ ୮୦ ଟା ଆଇସିୟୁ ବେଡ୍ ବ୍ୟବସ୍ଥା ଅଛେ ।

ବିଧାନ୍‌ସଭା-ମୋବାଇଲ୍ ସେବା          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ମୁକ୍ତ ଗାଁକେ ଆଏବା ଜୁନ୍ ମାସର୍ ଶେଷ୍‌ବେଲ୍‌ତକ୍ ମୋବାଇଲ୍ ସେବା ଯୁଗେଇ ଦିଆଯିବା ବଲି ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବିଧାନ୍‌ସଭା ନ ଆଏଜ୍ ସୂଚ୍‌ନା ଦେଇଛନ୍ । ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍, କେନ୍ଦ୍ରର୍ ଦୂରସଂଚାର୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଓଡ଼ିଶାର୍ ୫୧ ହଜାର୍ ଶହେ ୭୬ ଟା ଗାଁ ଭିତ୍‌ରୁ ଇହାଦେ ୪୯ ହଜାର୍ ୯

ଶହ ୩୯ ଟା ଗାଁକେ ମୋବାଇଲ୍ ସେବା ମିଲିପାରୁଛେ । ବାକି ୧ ହଜାର୍ ୨ ଶହ ୩୭ ଟା ଗାଁକେ ଭାରତ୍ ସର୍କାର୍ ଡିଜିଟାଲ୍ ଭାରତ୍ ନିଧି ଯୋଜ୍ନାଥି ସାମିଲ୍ କରିକରି ମୋବାଇଲ୍ ସେବା ଯୁଗେଇ ଦଉଛନ୍ । ଜୁନ୍ ମାସ୍ତକ୍ ଇ କାମ୍ ଶେଷ୍ କର୍ବାର୍କେ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ଓଡ଼ିଆ ପକ୍ଷ-ସୂର୍ଯ୍ୟବଂଶୀ ସୂରଜ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ଘରର୍ ଗାଥା ଗୌରବ୍, ଚାଲିଚଲଣ, ଖାନ୍ପାନ୍ ଆଉ ପିନ୍ଧନ୍ପଟା ସଂସ୍କୃତି ପରମ୍ପରାକେ ବିଶ୍ୱସ୍ତର୍କେ ପୁହୁଁଚାବାର୍ ଲାଗି ଇ ବଛର୍ ଭିଲ୍ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଏପ୍ରିଲ୍ ୧ ନୁ ୧୪ ତାରିଖ୍ତକ୍ ଉସତ୍ ଉସ୍ନାକିଥି ଓଡ଼ିଆ ପକ୍ଷ ପାଳନ୍ କରାଯିବା । ରାଜ୍ୟର୍ ଫି ଜିଲ୍ଲାନୁ ରାଜ୍ଧାନୀ ଭୁବ୍ନେଶ୍ୱର୍ ତକ୍ ଇ ଉତ୍ସବ୍ ପାଳନ୍ କରାଯିବା । ଇ ଅବ୍ସରେ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ମାନ୍ ଆୟୋଜନ୍ କରାଯିବା ବଲି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍

କହିଛନ୍ । ଏପ୍ରିଲ୍ ୧ ତାରିଖ୍ ଦିନ ଓଡ଼ିଶା ଦିବସ୍ ୨ ତାରିଖ୍ ଖଡ଼ିଛୁଆଁ ଦିବସ୍, ୩ ତାରିଖ୍ ଆମ ପୋଷାକ ଆମ ପରିଚୟ ଦିବସ୍, ୪ ତାରିଖ୍ ଓଡ଼ିଆ ନାମଫଳକ ଲେଖା ଅଭିଯାନ୍, ୫ ତାରିଖ୍ ଗଣଦୌଡ଼, ୬ ତାରିଖ୍ ସ୍ୱଚ୍ଛତା ଅଭିଯାନ୍ ବାଗିର୍ ୧୪ ତାରିଖ୍ତକ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ପାଲନ୍ କରାଯିବା ବଲି ଭୁବ୍ନେଶ୍ୱର୍ ନ ଆଏଜ୍ ସାମ୍ବାଦିକ୍ମାନ୍କୁ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ଧାନ୍ ଘିନା ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଧାନ୍ ଘିନା ସମିଆକେ ଆଉ ୨ ଦିନ୍ ବଢ଼ାବାର୍ ଲାଗି ବିଚାର୍ କରୁଛନ୍ ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଏବା କାଏଲ୍ ଧାନ୍ ଘିନାର୍ ଧାରିଜ୍ ସମିଆ ଶେଷ୍ ହେଉଥିଲେ ଭିଲ୍ କେତେଟା ଜିଲ୍ଲା ନ ଧାରିଜ୍ ଲକ୍ଷ୍ୟଠାନୁ କମ୍ ଧାନ୍ ଘିନାଯାଇଛେ । ଟୋକନ୍

ଦିଆଯାଇଥିବା ସବୁ ଚାଷୀଙ୍କର୍‌ନୁ ଧାନ୍ ଘିନ୍‌ବାର୍ ଲାଗି ସର୍‌କାର୍ ଇ ବିଚାର୍ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।
(ଭଏସ୍ ଓଭର୍-କୃଷ୍ଣଚନ୍ଦ୍ର ପାତ୍ର)

ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ମାନବାଧିକାର୍ ଆୟୋଗ୍ - ଓଏଚ୍‌ଆର୍‌ସି ର ଅଧ୍ୟକ୍ଷ ଭାବେ ଓଡ଼ିଶା ହାଇକୋର୍ଟର ଆଘର୍ ବିଚାର୍‌ପତି ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ ଆଏଜ୍ ଦାୟିତ୍ୱ ନେଇଛନ୍ । ଜଷ୍ଟିସ୍ ପୂଜାହାରୀ ୨ ନମ୍ବର୍ ଥର୍ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଦାୟିତ୍ୱ ନେଇଥିବାର୍‌ନୁ ତାଙ୍କର୍ ନେତୃତ୍ୱଥି ମାନବ ଅଧିକାର୍ ସୁରକ୍ଷା ଆହୁରି ବର୍‌କସ୍ ହେଇପାର୍‌ବା ବଲି ଆଶ୍ କରାଯାଉଛେ ।

ଅଭିଯୋଗ୍ ଶୁଣାଣି
/ସୁବର୍ଣ୍ଣପୁର୍/ବୌଦ୍ଧ/ଦେବ୍‌ଗଡ଼୍/ସମ୍ବଲପୁର/ବର୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍ପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ୍ ପରିସର୍ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୮୫ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ଗୁଟେ ଅଭିଯୋଗର୍ ସମାଧାନ୍ କରାଯାଇଥିବାର୍ ବେଲେ ରେଡ଼କ୍ରସ୍ ଅଧୀନ୍‌ଥି ୫ନେ ଅଭିଯୋଗ୍‌କାରୀଙ୍କୁ ୨୫ ହଜାର୍ ଟଙ୍କା ଆଉ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ନୁ ୨ ଝନ୍‌କୁ ୪୦ ହଜାର୍ ଟଙ୍କା ସାହାଜ୍ ଯୁଗେଇ ଦିଆଯାଇଛେ ।

ବର୍‌ଗଡ଼୍ ଜିଲ୍ଲା ବର୍‌ପାଲି ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୭୫ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ବାଗ୍‌ବର୍ ପଂଚାୟତ୍ ନ ହେଇଥିବା ଶୁଣାଣି ଶିବିର୍‌ଥି ୪୮ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ଖୁଂଟିଗୋରା ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ୫୨ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୮ ଟାର୍ ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ମଧ୍ୟପୁର୍ ପଂଚାୟତ୍ ପରିସର୍ ନ ହେଇଥିବା ଶିବିର୍‌ଥି ୫୧ ଟା ଅଭିଯୋଗ୍ ଆସିଥିଲା । ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସାତକୋଶିଆ-ଘଡ଼ିଆଲ୍ କୁମ୍ଭୀର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କସୁଙ୍ଗ ଠାନେ ମହାନଦୀ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ୍ ସୁନାଖଣିଆ ବିଟ୍ ପାଖେ ୧୨ ଟା ଘଡ଼ିଆଲ୍ ମଗରକେ ମହାନଦୀ ନ ଛଡ଼ାଯାଇଛେ । ସବୁ ମଗର୍‌ଙ୍କୁ ଭୁବ୍‌ନେଶ୍ୱର୍ ନନ୍ଦନ୍‌କାନନ୍ ନୁ ଅନାଯାଇଥିଲା । ସୂଚ୍‌ନା ଅନ୍‌ସାରେ ସାତକୋଶିଆ ଗଣ୍ଡ ନ ଘଡ଼ିଆଲ୍ କୁମ୍ଭୀର ବଂଶବୃଦ୍ଧି କର୍‌ବାର୍ ସହେତେ ପ୍ରାକୃତିକ ସନ୍ତୁଳନ ସ୍ଥିର୍ ରଖିବାର୍ ଲାଗି ୨୦୧୯ ମସିହାନୁ ଏବ୍‌ତକ୍ ୩୫ ଟା ମଗର ଛଡ଼ାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ।  ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି ସହେତେ ୨୦ ଟା ଜିଲ୍ଲାକେ ଘଡ଼ଘଡ଼ି ସହେତେ ଧୁକାଗର୍ଡ଼ି ଆଉ ବର୍ଷା ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।